## ମୁଖପତ୍ର ସଂଗୀତ

■ ରବିନ୍ଦ୍ର କୁମାର ଚାନ୍ଦ
*ହିନ୍ଦୀ ଶିକ୍ଷକ, ନୂଆ ଗାଁ ହାଇସ୍କୁଲ, ନୟାଗଡ଼*

ହୃଦୟରୁ ଝରୁଥିଲା
ମମତାର ବରଷା
ସଭିଁଙ୍କୁ ସେ ବାଣ୍ଟୁଥିଲା
ନୂଆ ଆଶା ଭରଷା । ୧
ପଶୁପକ୍ଷୀ ଗଛଲତା
କରିଲା ସେ ଆପଣା
ସ୍ନେହ-ଶ୍ରଦ୍ଧା ଗଳାହାର
କରିଲା ସେ ଗହଣା । ୨
ମୂକ ମୁହେଁ ହସ ଦେଲା
ଦୟା ଧର୍ମ ପ୍ରେମରେ
କୋଟି କୋଟି ଜୀବଜନ୍ତୁ
ଖୁସି ହେଲେ ତହିଁରେ । ୩
ପୂର୍ଣ୍ଣ ହେଲା ସୁଖ ଶିରି
ନୂଆ ଯୁଗ ସଂସାର
ରାମ ରାଜ୍ୟ ଆସିଗଲା
ସତ୍ୟ ଶିବ ସୁନ୍ଦର । ୪
ଯୁଗେ ଯୁଗେ ଏ ଭାରତ
ପୂର୍ଣ୍ଣମୟୀ ବିଶ୍ୱରେ
'ସମ୍ବେଦନ' ଯୁଗ ଦିଅଁ
ଆମ ପାଇଁ ସତରେ । ୫

❖ ❖ ❖

## ସମ୍ବେଦନ

■ ମିନତୀ ପାତ୍ର
ଶାସ୍ତ୍ରୀ ନଗର, ଭୁବନେଶ୍ୱର

ସବୁରି ଅନ୍ତରେ ତୁମେ ହିଁ ତ ଅଛ
ସବୁଠାରେ ଥାଇ କେଉଁଠି ନାହିଁ ତ । ୧
କିଏ ବା ଜାଣିବ କିଛି ନ କହୁଛ
ହତ୍ୟାକରେ ଆଜି ତୁମ ଅନ୍ୟପୁତ୍ର । ୨
ହତ୍ୟାକାରୀ ଆଜି ପାଲଟିଛି ସିଏ
ଧନ ଲୋଭ ଗ୍ରାସି ଅଛି ତାର ଦେହେ । ୩
ନାହିଁ ଦୟା, ଧର୍ମ, ନିଷ୍ଠୁରତା-ସିକ୍ତ
ପୂଣ୍ୟ ଦେବାଳୟେ ଭାସୁଛି ରକତ । ୪
ଘୃଣ୍ୟ ଆଜି ଲାଗେ ବାଟରେ ଚାଲିବା
ବିଭତ୍ସ ହତ୍ୟାକୁ ଆଖିରେ ଦେଖିବା । ୫
ଜୀବର ଆଗରେ ଜୀବହତ୍ୟା ହୁଏ
ଲୁହ ନ ରହିବ ଆଖିରେ ଦେଖିଲେ । ୬
ଭୟ ଓ ବେଦନା ଆଖିରେ ଜଣାନ୍ତି
ନ ଜାଣି ଏ ଲୋକ ଖୁସିରେ ମାରନ୍ତି । ୭
ଏହା କି ଆମର ଜାତିର ଗୌରବ
ପୂଣ୍ୟର ଭାରତେ ଏହା କି ବିଭବ । ୮
ଆମେ ଆର୍ଯ୍ୟ ଯଦି ଆର୍ଯ୍ୟର ରକତେ
ଗଢ଼ା ଆମ ପିଣ୍ଡ ସ୍ନେହ ଓ ସୌହାର୍ଦ୍ଦେ । ୯
ସମବେଦନାକୁ ସାଇତି ଅନ୍ତରେ
ଆଗେଇବା ଆସ ସାରା ଭାରତରେ । ୧୦
ଧନ ଓ ଜୀବନ ହେବ ନିରାପଦ
ସମ୍ବେଦନଶୀଳ ଆମ ଇତିହାସ । ୧୧

❖ ❖ ❖

## କଥାଏ କହିବି

■ ଶ୍ରୀ ରାଧାନାଥ ରଥ
ଜିଲ୍ଲା ପଶୁଚିକିତ୍ସା କାର୍ଯ୍ୟାଳୟ
ଢେଙ୍କାନାଳ

କହିବି କଥାଏ ଶୁଣିବ
ତୁମେ ମଣିଷ ଭାଇ
ତୁମ ପରି ଅବିଶ୍ୱାସୀ ହେ !
ନାହିଁ ସଂସାରେ କେହି ।
ଜନମ ଦେଲି ମୁଁ ବାଛୁରୀ
ତାକୁ କ୍ଷୀର ନଦେଲ
ନିଜେ ବଂଚିବାକୁ ଖାଇଲ
ମନ ଇଚ୍ଛା ବିକିଲ ।
ମୋ' ପୁଅକୁ ହଳ ଯୋଚିଲ
କଲା ଜମିକୁ ଚାଷ
ଅନାବାଦୀ କ୍ଷେତୁଁ ଅମଳ
କଲ କେତେ ଯେ ଶସ୍ୟ ।
ଝିଅ ବି' ଭୋଗିଲା କେତେ ଯେ
ଦୁଃଖ ମୋହରି ପରି
ଦଇବ ଦେଇଛି ଜନମ
ସେବା କରୁ ସବୁରି ।
ବିକିଲ କଂସେଇ ହାତରେ
ହେଲି ଦୁର୍ବଳ ବୋଲି
ସ୍ୱାର୍ଥ ପାଇଁ ହିତ-ଅହିତ
ସବୁ ଯାଇଚ ଭୁଲି ।
ମାଆ ବୋଲି କହି ବିଶ୍ୱାସେ
କାମ ହାସଲ କର

କାମ ସରିଗଲେ ସତରେ
କୁହ କିଏ କାହାର ।
ବୁଢ଼ା-ବୁଢ଼ୀ, ବାପ-ମାଆଙ୍କୁ
ଯେହ୍ନୁ ନକରେ ସେବା
ବୁଢ଼ୀ ଗାଈଟିଏ ରଖିବ
କିଆଁ ବୃଥା-ଭାବିବା ।
ପଶୁ ଜାତି ଠାରୁ ତୁମେ କି'
ନୁହଁ ଅବିଶ୍ୱାସୀ !
କହୁଛି ଯାହା ମୁଁ ଭାବିବ
ଥରେ ନିମିଷେ ବସି ।

❖ ❖ ❖

## ଏଣୁ କପୋତ ଗୁରୁ ମୋର

(ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରୁ ସଂଗୃହୀତ)

ଶୁଣ ରାଜନ ତୋଷମନେ  କପୋତ ପକ୍ଷୀ ଘୋରବନେ ।
କପୋତୀ ସଙ୍ଗ ସ୍ନେହଭରେ  ଅରଣ୍ୟେ ଗୃହବାସ କରେ ।

XXXXXXXXXX

ସଙ୍ଗ ବିଚ୍ଛେଦ ତିଳମାତ୍ରେ  କେବେ ହେଁ ନ ଦେଖନ୍ତି ନେତ୍ରେ ।
ଏକତ୍ର ଶୟନ ଭୋଜନେ  ଏ ରୂପେ ବିହରନ୍ତି ବନେ ।
କପୋତୀ ଚିତ୍ତେ ଯାହାସ୍ପୃରେ  କପୋତ ଆଣଇ ତତ୍ପରେ ।
ସେବକ ପ୍ରାୟେ ଆଣି ଦେଇ  ଯାହା ତା ଘରଣୀ ମାଗଇ ।
ଏମନ୍ତେ କେତେ ଦିନ ଗଲା  କପୋତୀ ଗର୍ଭ ସଂଚରିଲା ।

XXXXXXXXXX

କେତେକ ଦିନ ଗର୍ଭେ ରହି  ଜନ୍ମ ହୋଇଲା ଡିମ୍ବ ଦୁଇ ।
ପକ୍ଷୀ ପକ୍ଷୀଣୀ ସ୍ନେହ ବଶେ  ଡିମ୍ବ ତାପନ୍ତି ପୁତ୍ର ଆଶେ ।
ପୁଣି ହିଁ କିଛି ଦିନ ଅନ୍ତେ  ଫୁଟି ବାଳକ ଉପୁଜନ୍ତେ ।
ଅତି କୋମଳ ବେନି କାୟେ  ଦେଖି ସନନ୍ଦ ବାପ ମାଏ ।
ସମ୍ଭ୍ରମ ଚିତ୍ତେ ସେ କପୋତୀ  ନିରତେ ବାଳକ ପୋଷନ୍ତି ।
ପୁତ୍ରଙ୍କ କୋମଳ ବଚନ  ଶୁଣନ୍ତେ ମୁଦ୍ରିତ ଲୋଚନ ।
ପତଙ୍ଗ ଦେଇଣ ଆହାର  ପାଳନ୍ତି ହୋଇ ସ୍ନେହଭର ।
ଏମନ୍ତ ବେନି ଶିଶୁପାଳି  ପକ୍ଷୀ ସ୍ୱଭାବେ ରୋମାବଳୀ ।
ଉଠନ୍ତେ ବେନି ପୁତ୍ର ଦେହେ  ଦେଖି ସାନନ୍ଦ ବାପମାଏ ।
ପାଳନ୍ତି ଅତି ସ୍ନେହ ଭରେ  ବାଳକ କୋମଳ ଆହାରେ ।
ବିଷ୍ଣୁର ମାୟା ବଳେ ଯନ୍ତ୍ରୀ  ପାଳନ୍ତି କପୋତ କପୋତୀ ।
ଆହାର ଅର୍ଥେ ଏକ ଦିନେ  ବନେ ପଶିଲେ ବେନି ଜନେ ।
ଖୋଜନ୍ତି କୋମଳ ଆହାର  ଏମନ୍ତେ ଶୁଣ ନରବର ।
ପକ୍ଷୀ ବାଳକ ନିଜ ସ୍ଥାନେ  ବ୍ୟାଧ ମିଳିଲା ଘୋର ବନେ ।
ବୃକ୍ଷୁଁ ଉତୁରି ବେନି ବାଳେ  ବନେ ଚରନ୍ତି ବୃକ୍ଷେ ମୂଳେ ।
ଶବର ଦେଖି ତାହା ବେଗେ  ଜାଳ ପାତିଲା ଚଉଦିଗେ ।
ଉପରେ ବାନ୍ଧିଲା ଦଉଡ଼ି  ପକ୍ଷୀଙ୍କି ଆଣିଲା ଘଉଡ଼ି ।
ପକ୍ଷୀ ବାଳକ ଭୟ ପାଇ  ବେଗେ ପଶିଲେ ଜାଲେ ଯାଇ ।

XXXXXXXXXX

ତତ୍‌କ୍ଷଣେ କପୋତ କପୋତୀ  ଆସି ମିଳିଲେ ବୃକ୍ଷ କତି ।
ତୁଣ୍ଡେ ଆହାର ଦୃଢ଼େ ଧରି  ବୃକ୍ଷେ ଦେଖନ୍ତି ଅନୁସରି ।
ନ ଦେଖି ଚାହିଁ ଚଉଦିଗେ  ପୁଣି ଦେଖନ୍ତି ଭୂମି ଭାଗେ ।
ବନ୍ଧନ ଜାଲ ମଧ୍ୟେ ଦୃଢ଼େ  ବେନି ବାଳକ ଧଡ଼ ପଡ଼େ ।
ଭଜନ୍ତି ପ୍ରାଣର ବିକଳେ  ନାଦ କରନ୍ତି କୋଳାହଳେ ।
ଦେଖି କପୋତୀ ଦୁଃଖ ଚିତ୍ତେ  ଭୂମିରେ ପଡ଼ି ମୋହଗତେ ।

XXXXXXXXXX

ବାଳକ ସ୍ନେହଭର ଆଶେ  ଡେଇଁ ପଡ଼ିଲା ଜାଲ ପାଶେ ।
ପୁତ୍ରଙ୍କ ମୁଖେ ମୁଖ ଦେଇ  ଦେଖି କପୋତ ବିଚାରଇ ।
ମୁଁ ଏବେ ଏକା ବୃକ୍ଷେ ଥାଇ  କେମନ୍ତେ ଧରିବି ଟି ଦେହୀ ।
ଏମନ୍ତେ କରଇ ରୋଦନ  କ୍ଷଣ କ୍ଷଣକେ ଅଚେତନ
ପଡ଼ଇ ପୁଣ ପୁଣ ତଳେ  ପୁଣି ବସଇ ବୃକ୍ଷେ ଡାଳେ ।
ପ୍ରାଣୁ ଅଧିକ ମୋର ସୁତେ  ପଡ଼ିଲେ ଶବର ଆୟତ୍ତେ ।
ପତ୍ନୀ ପଡ଼ିଲା ଜାଲମଧ୍ୟେ  ପ୍ରାଣ ଧରିବି କେଉଁ ସାଧେ ।

XXXXXXXXXX

ସକଳ ସୁଖ ମୋର ଗଲା  ପୁତ୍ର ସଙ୍ଗତେ ପତ୍ନୀ ମଲା ।
ଜୀବନ ନ ପାରିଲା ଧରି  ଜାଲେ ପଡ଼ିଲା ହା ହା କରି ।
ଦେଖି ଶବର ତୋଷ ମନ  ପିଞ୍ଜରେ ଥୋଇଲା ବହନ ।
କପୋତ କପୋତୀ ବାଳକ  ଘେନିଣ ଚଳଇ ଲୁବ୍ଧକ ।
ବେଗେ ମିଳିଲା ନିଜ ପୁରେ  ଶୁଣ ରାଜନ ତୋଷ ଭରେ ।
ଏ ରୂପେ ସ୍ନେହ ଅବଲମ୍ବି  ସଂସାରେ ବନ୍ଦୀ ଯେ କୁଟୁମ୍ବୀ ।
ଦୁଃଖ ସହଇ ଏ ଶରୀରେ  ନିତ୍ୟେ କୁଟୁମ୍ବ ପୋଷିବାରେ ।
ନିରତେ ଆକୁଳ ହୃଦୟ  ଏଣୁ ବୋଲାଇ ଦୁଃଖମୟ ।
ଧର୍ମେ ବଞ୍ଚିତ କଳେବର  ମଜ୍ଜଇ ଏ ଘୋର ସଂସାର ।
ତୁ ଏବେ ବୁଝ ମୋ ବଚନ  ହେ ରାଜା ସ୍ଥିର କର ମନ ।
ଦେଖ ମନୁଷ୍ୟ ଦେହ ମୋର  କେବଳ ମୁକତିର ଦ୍ୱାର ।
ଏ ଦେହ ପାଇ ମହୀ ତଳେ  ହେଳେ ତରନ୍ତି ଭବ ଜଳେ ।
ଦୁର୍ଲଭେ ପାଇ ଏ ଶରୀର  କୁଟୁମ୍ବେ ଦୃଢ଼ ମତିସାର ।
ଦିନ ବଞ୍ଚଇ ଦୁଃଖ ସୁଖ  ଅନ୍ତେ ପଡ଼ଇ କୁମ୍ଭୀ ପାକେ ।
ଏ ଭାବେ ବୁଝିଲି ସଂସାର  ଏଣୁ କପୋତ ଗୁରୁ ମୋର ।

❖ ❖ ❖

## ଓଁ ମା କଟକ ଚଣ୍ଡୀ ଉବାଚ ...

■ ବିଶ୍ୱ ବିହାରୀ ଖାଡ଼ଙ୍ଗା
ଭଞ୍ଜନଗର

କହନ୍ତି କଟକ ଚଣ୍ଡୀ ଶୁଣିମା ଲିଙ୍ଗରାଜ
ହୃଦେ ବହୁ ଆଶା ଧରି ଲେଖୁଅଛି ଆଜ ।।
ସମାଜେ ଯେତେ ଭଦ୍ର ଶିକ୍ଷିତରେ ଗଣା
ଏମାନେ ରୁଣ୍ଡ ତବ ମନ୍ଦିର ଅଗଣା ।।
ମୋହ ପାଖକୁ ଆସନ୍ତି ହୋଇ ନିଉଛୁଣା
ମାଂସ ଲୋଭୀ ରାକ୍ଷସ ସନ୍ତତ ହେଳିହଣା ।।
ବିମଳା, ବିରଜା, ଚର୍ଚ୍ଚିକାର ଭଗବତୀ
ପାରୁଶେ ଖାଲି ଅଛନ୍ତି ଯେତେ ମୁଢ଼ମତି ।।
ଛାଗ, ପୋଢ଼ ବଳି ପ୍ରଭୁ ତାଙ୍କ ପରମ୍ପରା
ଧର୍ମ ଚେତନାକୁ ଧିକ୍ ଧନ୍ୟ ଭାବଧାରା ।।
ମାଣିକେଶ୍ୱରୀକୁ ଗଲେ ଦେଖିବେ ଯେ ରୂପ
ଶିଲୋ ରଘୁନାଥ ପୀଠ ତତୁର୍ଦ୍ଧ୍ୱ ବିଦ୍ରୁପ ।।
ନାହିଁ ଦୟା ମାୟା ଏଠି ନର ପିଏ ରକ୍ତ
ରାକ୍ଷସ ସାଦୃଶ୍ୟ ବୃ□ ସାଜିଛି ଭକତ ।।
ହେ ପ୍ରଭୁ ସଂହାର କ□ା ଶୁଣ ମୋର ଗିର
ଜିହ୍ୱା ଲାଳସା ପାଇଁ କି ମଣିଷ ବିଚାର ।।
ମୋ ନାମକୁ ଦ୍ୱାହି ଦେଇ ଖାଉଛି ମାଉଁସ
ବାତ୍ସଲ୍ୟ ସ୍ନେହରେ ମୋର ଭରିଅଛି ବିଷ ।।
ପାଟି ଫିଟୁ ନାହିଁ ଯେଣୁ ମୁଁ ଅଟେ ନାଚାର
ମିସ୍ ଲିଡିଙ୍ଗ୍ କରୁଛି ଛାର ହୀନ ନର ।।
ବଳିପ୍ରଥା ଉଚ୍ଛେଦ ପାଇଁ କି କରଯେ ଆଇନି
ଆନ୍ଧ୍ର, ମାଳୟ, କନ୍ନଡ଼, କେରଳୀ କଲେଣି ।।
ଓଡ଼ିଆ ପଛୁଆ ଏଠି ନାହିଁ ସ୍ୱାଭିମାନ
ତୁରନ୍ତ ଆଇନ ପାଇଁ କରନ୍ତୁ ବିଧାନ ।।
ନୋହିଲେ ମୁଁ ହାଇକୋର୍ଟେ କରିବି ଫେରାଦ
ମୋ ନାମରେ ଅପବାଦ ହେଉନାହିଁ ସହ୍ୟ ।।

❖ ❖ ❖

## "କିନ୍ତୁ"

■ ଅନିମା ମିଶ୍ର
ସ୍ୱରୂପ ନଗର, ବାରିପଦା

କାଲିର ଖବର କାଗଜେ
ଥିଲା ଏକ ଖବର ।
ବନ୍ଦ ହେଲା "ବଳିପ୍ରଥା"
କାହିଁ କେତେ ଯୁଗର ।
ଲାଗିଥିଲେ ସ୍ୱେଚ୍ଛାସେବୀ
ଜୀବେଦୟା ପାଇଁକି ।
ଯାହା ଶୁଣି ପଣ୍ଡିତେ
ଉଠୁଥିଲେ ଚିହିଁକି ।
ଆମେ ଯଦି ଭାବିବାନି
ମୁଣ୍ଡେ ବୁଦ୍ଧି ଥାଇକି ।
ଜଙ୍ଗଲରେ କଣ ହେବ
ଯହିଁ ପଶୁ ଖାଏ ମାରିବି ।

କିନ୍ତୁ

ମନ୍ଦିର ପଡ଼ାଇ ବଳି
କେଉଁ ଏକ ଦିନରେ ।
ସବୁଦିନ ବଳି ପଡ଼େ
ରାଜରାସ୍ତା କଡ଼ରେ ।
କାହିଁ କିଏ କେବେ ଫେରିଚାହେଁ
ସେଠି ବହେ କେତେ ରୁଧିର ।
ଆଖି କାନ ଥାଇ ଆମେ
ଆଜି ମୁକ ବଧିର ।
ଶୁଣ ଶୁଣ ଶୁଣ ଥରେ
ତାଙ୍କ ଆର୍ତ୍ତ ଚିତ୍କାର ।
ମନେ ମନେ ଡ଼ରି କହେ
ମୁଁ ଜୀବ କେତେ ଦିନର ।
ନିଜେ ବଂଚି ବଂଚାଇବା
କଥା କେତେ ସୁନ୍ଦର ।
ସଭିଙ୍କୁ ଗଢ଼ିଲା ବେଳେ
କହିଥିଲେ "ଈଶ୍ୱର" ।

❖ ❖ ❖

## କୁକୁର

■ ଶ୍ରୀମତୀ ଗୀତାଞ୍ଜଳି ମାନସିଂହ
ଗୁଣ୍ଡିଚା ବିହାର, ପୁରୀ

କୁକୁର ଅଟଇ ଆମ ହିତକାରୀ
ଅଟଇ ସେ ଆମ ବନ୍ଧୁ
ରାତିରେ ନ ଶୋଇ ଘର ଜଗିଥାଇ
ଶୋଇଥାଉ ଆମେ ସବୁ ।୧।
ପୋଲିସକୁ ଚୋର ଧରାଇ ଦିଅଇ
ଅନ୍ଧକୁ ଦେଖାଏ ବାଟ
ପରିବେଶକୁ ସେ ନିର୍ମଳ ରଖଇ
ଖାଇ ପଚା ସଢ଼ା ଚିଜ ।୨।

ସବୁ ଜୀବଜନ୍ତୁ ପରି ବି କୁକୁର
ରଖେ ପରିବେଶ ସନ୍ତୁଳନ
ସେଥିପାଇଁ ପ୍ରତି ମାନବ ହୋଇବ
ଆଜି ଠାରୁ ସଚେତନ ।୩।
ସହର ବଜାରେ ବିଷ ଦେଇ ଏବେ
କୁକୁର ମାରିବା ମନା
ସେଥିପାଇଁ କେତେ ନିୟମ କାନୁନ୍
ଦୋଷୀ ପାଇଁ ହୁଏ ଖଞ୍ଜା ।୪।
କୁକୁରର ବଂଶ ଅଧିକ ହୋଇଲେ
କରି ଜନ୍ମ ନିୟନ୍ତ୍ରଣ
ପଶୁ ହତ୍ୟା ମହାପାପରୁ ଓହର
ନେଇ ପ୍ରଭୁ ପାଦେ ଶରଣ ।୫।
ପ୍ରତି ଜୀବାତ୍ମାରେ ବିଜେ ଭଗବାନ
ଘୃଣ୍ୟ ନୁହେଁ ଏଠି କେହି
ସବୁ ଗୋଟେ ଗୋଟେ ସୃଷ୍ଟିର ବିଚିତ୍ର
ସତ୍ୟ କଥା ଏହା ଅଟଇ ।୬।
ଜୀବଜନ୍ତୁଙ୍କର କଲ୍ୟାଣ ପାଇଁକି
ପରିଷଦ ଗଢ଼ିବାକୁ
ମେନକା ଗାନ୍ଧୀଙ୍କ ପରାମର୍ଶ ମିଳେ
ଦିଲ୍ଲୀ ରାଜଦରବାରୁ ।୭।
ଆମ ସରକାର ଆଗେଇ ଆସନ୍ତୁ
ଧ୍ୟାନ ଦେବାକୁ ଏହାକୁ ଗଢ଼ି
କିଏ ବା ସେପରି ନ କହୁ ଆମକୁ
ଓଡ଼ିଶା ଯାଇଛି ପଛରେ ପଡ଼ି ।୮।

❖ ❖ ❖

## ଗୋରୁ

■ ହୃଷିକେଶ ପଟ୍ଟନାୟକ
ଏସ.ପି.ସି.ଏ ପରିଦର୍ଶକ
କଟକ

ଶିଶୁ ସାଉଁଟୁଛି କାହିଁ ଦୁଗ୍ଧକ୍ଷୀର
କଲେଜ ବେକାର ପାଳୁଛି ସଙ୍କର । ୧
ସାରା ଜୀବନକୁ ତିଳ ତିଳ କରି
ତୁମରି ପାଇଁ କି ଦେଇଛି ଯେ ବରି । ୨
ଯାହାଲାଗି କ୍ଷୀର, ଅନ୍ନ, ବସ୍ତ୍ର, ଜଳ
କୃଷକର ସାଥି, ମାତୃତ୍ୱର ବଳ । ୩
ସିଏ ବାହୁନୁଛି ରାଜରାସ୍ତା ପରେ
"ଏହି ଦଣ୍ଡ ମିଳୁ ତୋତେ ବାର୍ଦ୍ଧକ୍ୟରେ" । ୪
ଶେଷ ଜୀବନରେ ମାରୁଛୁ କନ୍ଦାଇ
ସେପରି ମରିବୁ ପୁଅ ବୋହୂ ଥାଇ । ୫
ଧନ୍ୟ ଭାରତୀୟ, ଧନ୍ୟ ସଂବିଧାନ
ତୁମ ଅଧିକାର କରିଛ ବିଧାନ । ୬
ଖିଲାପ ହୋଇଲେ ସୁପିରମ କୋର୍ଟ
ବିଚାର କରିବ ଧରି ଧର୍ମକଣ୍ଟା । ୭
ଆମ ବିଚାରକୁ ନାହିଁ ନ୍ୟାୟା ଦେଶ
କାରଣ ମାନବ ଘାତକ-ବିଶ୍ୱାସ । ୮

❖ ❖ ❖

## ଜୀବେ ଦୟା

■ ଛାତ୍ରବନ୍ଧୁ ଦେବୀ ପ୍ରସାଦ ମିଶ୍ର
୮ମ ଶ୍ରେଣୀ

ବିଚିତ୍ର ଅଟଇ ଜୀବଜଗତ
କି'ଏ ସେ ବଣୁଆ, ଗୃହପାଳିତ
ସଭିଏଁ କରନ୍ତି ଆମର ହିତ
ନିଷ୍ଠୁର ନହୁଅ ବିବେକବନ୍ତ । ୧
ଗାଈ ଓ ମଇଁଷି ଦିଅନ୍ତି କ୍ଷୀର
ତାଙ୍କ ପାଇଁ ଶିଶୁ କାଳିର ବୀର
କୁକୁର ଜଗଇ ଆମରି ଘର
ରାତିରେ ଧରଇ ଚୋର ତସ୍କର । ୨
କୁକୁର ନିଦରୁ ଉଠାଏ ସଦା
କାଉ ସଫା କରେ ଅଳିଆ ଗଦା
ଗଧ ଭାର ବୋହେ ସଦା ବେଠିଆ
ଘୋଡ଼ା ଯାତ୍ରୀ ବୋହେ ନହୋଇ ଠିଆ । ୩
ଆମ ହିତ ପାଇଁ ସଭିଏଁ ତତ୍ପର
କିନ୍ତୁ ଅକାରଣେ ଆମେ ନିଷ୍ଠୁର
ରାଜ କଡ଼େ ଛେଳି କରୁଛୁ ହତ୍ୟା
ଭୁଲି ଧର୍ମ କର୍ମ ଦିଅଁ ଦେବତା । ୪
ଗାଈ ଓ ମଇଁଷି ହୋଇଲେ ବୁଢ଼ା
କଂସେଇ ଖାନାରେ କରୁଛେ ଛିଡ଼ା
ମୂକ ପଶୁଟିର ଫିଟୁନିପାଟି
ଦୟାମାୟା ଛାଡ଼ି କାଟୁ ତା ତଣ୍ଟି
ମହାପ୍ରଳୟରେ ଯିବରେ ନାଶ
ସାକ୍ଷୀ ଅକ୍ଟୋବର ଅଣତିରିଶ । ୫

❖ ❖ ❖